## ତହସିଲ କାର୍ଯ୍ୟାଳୟ, କୋଲନରା

ଦୀର୍ଘ ମିଆଦି ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ...1378...  ତାରିଖ.20.06.2018

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋଲନରା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ୨୦୧୮-୨୦୧୯ ଆର୍ଥିକ ବର୍ଷଠାରୁ ୨୦୨୨-୨୦୨୩ ପର୍ଯ୍ୟନ୍ତ ଲିଜ୍ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules- 2016 ଦ୍ୱାରା ପ୍ରଣୀତ Form-M, ପୂରଣ କରି ୩ଟି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, କୋଲନରାଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ (ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ) । ଧାର୍ଯ୍ୟ ତାରିଖର ପୂର୍ବ ଦିନ ଅପରାହ୍ନ ଘ.୫.୦୦ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଓ (ତହସିଲଦାର) କୋଲନରାଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ :-**

୧. ଦରଖାସ୍ତ ପାଉଣା ବାବଦ ଟ.୧୦୦୦ଙ୍କା (ଅଣଫେରସ୍ତ)ର ଟ୍ରେଜରୀ ଚାଲାଣ ।

୨. ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୩. ଲିଜ୍‌ଧାରୀ ନୋଟିସ୍ ମଧ୍ୟରେ ଉଲ୍ଲେଖ କରିଥିବା ସୈରାତ ଉତ୍ସର ଏକ ବର୍ଷ ପାଇଁ ନିଶ୍ଚିତ ପରିମାଣର ରୟାଲଟି ଏବଂ ଅତିରିକ୍ତ ଦାବି (Additional Charges) ର ପାଞ୍ଚ ପ୍ରତିଶତ Demand Draft ତହସିଲଦାର, କୋଲନରା ନାମରେ ଅମାନତ ରାଶି Form-M ସହ ସଂଲଗ୍ନ କରିବେ ଏବଂ ମନୋନୀତ ଲିଜ୍ ଧାରୀ ୧୫ ଦିନ ମଧ୍ୟରେ OMMC Rules - 2016 rule 27 ର ଉପଧାରା-୭ ଧାରା ଅନୁଯାୟୀ ବଳକା ଅମାନତ ରାଶି ପୈଠ କରିବେ ।

୪. ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ Solvency Certificate ସହ ଅସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର ଏବଂ ବ୍ୟାଙ୍କ ଗେରେଣ୍ଟି ଯାହାର ଅବଧି ୧୮ ମାସ ଠାରୁ ଅଧିକ ହୋଇନଥିବ ଏବଂ ଉଲ୍ଲେଖ କରାଯାଇଥିବା ବାର୍ଷିକ ନିଶ୍ଚିତ ପରିମାଣର ରୟାଲିଟି ଏବଂ ଅତିରିକ୍ତ ଦାବିର ପରିମାଣ ଠାରୁ କମ୍ ହୋଇନଥିବ । (OMMC Rule-2016 ର Rule-27 ର ଉପଧାରା -୪ (iv) )

**ବିଶେଷ ସର୍ତ୍ତାବଳୀ :-**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ ୨୦୧୬ OMMC Rules -2016, ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ/ (ଯାହାକି ପ୍ରଚଳିତ ରୟାଲିଟିର ୧୦% ଜିଲ୍ଲାପାଳ ରାୟଗଡ଼ଙ୍କ ଦ୍ୱାରା ଅନୁମୋଦିତ ହୋଇଅଛି ଏବଂ ତାହା ଉଲ୍ଲେଖ

କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତାହାହେଲେ ଲଟେରୀ ମାଧ୍ୟମରେ ଲିଜ୍‌ଧାରୀ ଚୟନ କରାଯିବ ।

୩. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଉତ୍ତୋଳନ ନିମନ୍ତେ ଉଦ୍ଦିଷ୍ଟ ଦ୍ରବ୍ୟର ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଏବଂ ପ୍ରଚଳିତ ରୟାଲିଟି କୁ ଗୁଣନ କରି ସଂପୃକ୍ତ ଅର୍ଥକୁ Environment Clearance ଆଣି ସାରିଲାପରେ ପୈଠ କରିବେ । ସଂପୃକ୍ତ ରାଶି ପୈଠ ହେଲାପରେ ରେଜିଷ୍ଟ୍ରେସନ ଆ -୧୯୦୮ ଓ ଷ୍ଟାମ୍ପ ଆ -୧୮୯୯ ଆନୁଯାୟୀ ସଂପୃକ୍ତ ସୈରାତ ଉତ୍ସ ର ଚୁକ୍ତିପତ୍ର Form-N (Lease Deed) ତିନି ସପ୍ତାହ ମଧ୍ୟରେ ସଂପାଦନ କରିବେ ନଚେତ୍ ଜାରି କରାଯାଇଥିବା ହୁକୁମନାମା ରଦ୍ଦ କରାଯିବା ସହ ସଂପୃକ୍ତ ସୁରକ୍ଷା ପାଣ୍ଠି (Secutiry Deposit) ବାଜ୍ୟାପ୍ତି କରାଯାଇ ସରକାରଙ୍କ ପାଣ୍ଠିରେ ଜମା କରାଯିବ ।

୪. ଯଦି ସର୍ବୋଚ୍ଚ ଅତିରିକ୍ତ ଦାବି (Additional Charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ନୟରେ ସୁଯୋଗ ଦିଆଯିବ ।

୫. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦାବି (Additional Charges) ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୬. ନିଲାମଧାରୀମାନେ, OMMC Rules- 2016 ରେ ଥିବା ୨୭ ର ୧ ରୁ ୧୭ ପର୍ଯ୍ୟନ୍ତ ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ ।

୭. ଲିଜ୍‌ଧାରୀ ବାର୍ଷିକ Surface Rent, Deed Rent ରୟାଲିଟି, ଅତିରିକ୍ତ ଦାବି, ଜମା ରୟାଲିଟିର ୨ ପ୍ରତିଶତ ଅର୍ଥ ଆୟକର ବାବଦକୁ, ୧୦ ପ୍ରତିଶତ ଅର୍ଥ ଜିଲ୍ଲା ମିନେରାଲ ପାଣ୍ଠିକୁ, ୫ ପ୍ରତିଶତ ଅର୍ଥ ରାଜ୍ୟ ପରିବେଶ ପରିଚାଳନା ପାଣ୍ଠିକୁ ଏବଂ ୫ ପ୍ରତିଶତ ଅର୍ଥ Compensatory Afforestation Fees ବାବଦକୁ ଅର୍ଥ ଜମା କରିବେ ।

୮. ଦରଖାସ୍ତକାରୀ Mines Act 1952 ଏବଂ Explosive Act-1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୯. ଦରଖାସ୍ତକାରୀ ପ୍ରତିବର୍ଷ କେତେ ପରିମାଣର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ ।

୧୦. ପ୍ରତିଲିଜ୍‌ଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ ଏବଂ Environment clearance ପ୍ରସ୍ତୁତ କରି ଦାଖଲ କରିବେ, ଯଦି ଲିଜ୍ ପ୍ରଦାନକାରୀ (ତହସିଲ୍‌ଦାର) ସରକାରୀ ଦେୟରେ ଏସବୁ ପ୍ରସ୍ତୁତ କରିଥିବେ ତେବେ ପରିବର୍ତ୍ତୀ ସମୟରେ ଲିଜ୍‌ଧାରୀଙ୍କ ଠାରୁ ଉକ୍ତ ଖର୍ଚ୍ଚ, ଲିଜ୍ ରାଜିନାମା ଦାଖଲ ସମୟରେ ଅସୁଲ କରାଯିବ ।

୧୧. ଲିଜ୍ ପ୍ଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲଘୁ ଖଣିଜ ପଦାର୍ଥର ବାର୍ଷିକ ସର୍ବନିମ୍ନ ପ୍ରତ୍ୟଭୁତ ପରିମାଣର (Annual Minimum guaranteed quantity) ମୋଟ ରୟାଲଟି/ ଅତିରିକ୍ତ

ରୟାଲଟି/ Dist. Mineral Fund/ State mineral Fund ବାବଦ ଦେୟର ମୋଟ ପରିମାଣର ୨୫% EMD ଦାଖଲ କରିବେ । ଏଥିସହ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ୍ ଚୁକ୍ତିର ସମସ୍ତ ସର୍ତ୍ତାବଳୀର ଉପଯୁକ୍ତ ଅନୁପାଳନ ସକାଶେ ୧୦,୦୦୦ ଟଙ୍କା ଅମାନତ ରୁପେ ଜମା କରିବେ । (ଦ୍ରଷ୍ଟବ୍ୟ ନିୟମ ୪୨)

୧୨. ଲିଜ୍ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜ୍ ଧାରୀ ଲିଜ୍ ସର୍ତ୍ତାବଳୀରେ କୌଣସି ଖିଲାପ କରିନଥିବେ ତେବେ ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବାଜ୍ୟାପ୍ତି କରାଯିବ ।

୧୩. ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ଦର୍ଶାଇ ଯେ କୌଣସି ସମୟରେ ଲିଜକୁ ନାକଚ କରିପାରିବେ ।

୧୪. ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥାନ୍ତି, ସେହି ଅମାନତ ଅର୍ଥ ରାଶି ଏବଂ ଲିଜ୍ ରାଜିନାମା ଲିଜ୍‌ଧାରୀଙ୍କ ଉତ୍ତରାଧିକାରୀ ଅଥବା ଆଇନଗତ ପ୍ରତିନିଧିମାନେ ପୁନଷ୍ଚ ଲିଜ୍ ରାଜିନାମା କରି ସଂପୃକ୍ତ ଖଣି ଲିଜ୍ ପରିଚାଳନା କରିପାରିବେ ।

୧୫. ଚୟନ ହୋଇଥିବା ସମସ୍ତ ଲିଜ୍‌ଧାରୀ ଓଡିଶା ଲଘୁ ଖଣିଜ ରିହାତି ନିୟମ ୨୦୧୭ ଧାରା ୨୭,୨୮,୨୯,୩୦,୩୧,୩୨ ଏବଂ ୩୩ ର ସମସ୍ତ ଉପଧାରାର ସର୍ତ୍ତାବଳୀକୁ ମାନିବା ପାଇଁ ବାଧ୍ୟ ।

୧୬. ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜ୍‌ଧାରୀମାନେ ବର୍ଦ୍ଧିତ ଧାରରେ ରୟାଲଟି ପୈଠ କରିବା ପାଇଁ ବାଧ୍ୟ ।

ପ୍ରଥମେ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ପୁନଷ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହିଅଛି । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହା ସଂଶୋଧନ କରିବାର କ୍ଷମତା ତହସିଲଦାରଙ୍କର ରହିଅଛି । ନିଲାମ **ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି** । ସୈରାତ ଉତ୍ସ ଗୁଡ଼ିକର ସଂପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଯାଇଅଛି ।

| | | |
|---|---|---|
| ନିଲାମ ସ୍ଥାନ | : | ତହସିଲ କାର୍ଯ୍ୟାଳୟ, କୋଲନରା |
| ଧାର୍ଯ୍ୟ ତାରିଖ ଓ ସମୟ | : | ପ୍ରଥମ ପର୍ଯ୍ୟାୟ ତା. ୧୮.୦୬.୨୦୧୮ ରିଖ ଦିବା ୧୧ ଘଟିକା<br>ଦ୍ୱିତୀୟ ପର୍ଯ୍ୟାୟ ତା.୩୦.୦୬.୨୦୧୮ ରିଖ ଦିବା ୧୧ ଘଟିକା<br>ତୃତୀୟ ପର୍ଯ୍ୟାୟ ତା. ୧୦.୭.୨୦୧୮ ରିଖ ଦିବା ୧୧ ଘଟିକା |

30.5.18

ତହସିଲଦାର, କୋଲନରା

30/5/2018

ସ୍ମାରକ ପତ୍ର ସଂଖ୍ୟା...୧୪୨୨ ତାରିଖ...୩୦.୦୫.୨୦୧୮

ଏହି ବିଜ୍ଞାପନର ଏକକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ/ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ/ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋଲନରା/ତହସିଲ କାର୍ଯ୍ୟାଳୟ କୋଲନରା ବିଜ୍ଞାପନ ଫଳକରେ ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ମାନସୀ ନାଏକ 30.05.18
ତହସିଲଦାର, କୋଲନରା

ସ୍ମାରକ ପତ୍ର ସଂଖ୍ୟା...୧୫୦୦ ତାରିଖ...୩୦.୦୫.୨୦୧୮

ଏହି ବିଜ୍ଞାପନର ଏକକିତା ନକଲ ସଂପୃକ୍ତ D.I.O, NIC, ରାୟଗଡ଼ାଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ଏବଂ ଏହି ବିଜ୍ଞାପନଟିକୁ www.rayagada.nic.in ରେ ଉପଲବ୍ଧ କରିବା ନିମନ୍ତେ ଅନୁରୋଧ କରାଗଲା ।

ମାନସୀ ନାଏକ 30.05.18
ତହସିଲଦାର, କୋଲନରା

ସ୍ମାରକ ପତ୍ର ସଂଖ୍ୟା...1501... ତାରିଖ...30.05.2018

ଏହାର ଏକକିତା ନକଲ ଜିଲ୍ଲାପାଳ, ରାୟଗଡ଼/ ଉପ ଜିଲ୍ଲାପାଳ ରାୟଗଡ଼ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ମାନସୀ ନାଏକ 30.05.18
ତହସିଲଦାର, କୋଲନରା

**LIST OF SAIRAT SOURCES OF KOLNARA TAHASIL FOR LONG TERM LEASE OF FIVE YEARS i.e. 2018-19 to 2022-23**

| Sl. No. | Name of the Sairat Source | Mouza | Kh. No | Plot No | Kissam | Area in Acre | Minimum Guranteed quantity per annum |
|---|---|---|---|---|---|---|---|
| 1 | Badapadu Stone quarry | Badapadu | 30 | 1 | Pahad | 5.00 | 3000 cum |
| 2 | Nilibadi Morrum Quarry | Lelibadi | 17 | 309/1 | Pahad | 10.00 | 3000 cum |
| 3 | Tandipur Stone Quarry | Tandipur | 25 | 354 | Pahad | 9.75 | 3000 cum |
| 4 | Rainasikabadi II Stone quarry | Rainasikabadi | 22 | 14 | Pahad | 11.00 | 3000 cum |
| 5 | Rainasikabadi Stone quarry | Rainasikabadi | 20 | 89/1 | Patharbani | 13.00 | 3000 cum |
| 6 | Bothodi-II stone quarry | Bothodi | 18 | 178 | Pahad | 5.00 | 3000 cum |
| 7 | Bothodi-III Stone Quarry | Bothodi | 18 | 178 | Pahad | 10.00 | 3000 cum |
| 8 | Champia-II Stone Quarry | Champia | 26 | 159/1 | Pahad | 3.30 | 3000 cum |
| 9 | Champia-III Stone Quarry | Champia | 26 | 169/170 | Pahad | 3.00 | 3000 cum |
| 10 | Fakir Stone Quarry | Fakir | 9 | 64/1 | Pahad | 12.10 | 3000 cum |
| 11 | Goudo Rengalpadu Stone Quarry | Goudo Rengalpadu | 23 | 33/1 | Pahad | 10.00 | 3000 cum |
| 12 | Goudolelibadi Stone quarry | Goudolelibadi | 22 | 58/1 | Pahad | 11.50 | 3000 cum |
| 13 | Goudolelibadi-II Stone quarry | Goudolelibadi | 22 | 58/1 | Pahad | 10.00 | 3000 cum |
| 14 | Guakona Stone Quarry | Guakona | 27 | 196 | Pahad | 5.00 | 3000 cum |
| 15 | Guakona-II Stone quarry | Guakona | 27 | 195/1 | Pahad | 5.00 | 3000 cum |
| 16 | Guakona-IV stone quarry | Guakona | 27 | 191/1 | Pahad | 3.00 | 3000 cum |
| 17 | Pedalekapai Stone quarry | Pedalekapai | 30 | 2 | Pahad | 11.00 | 3000 cum |
| 18 | Suri Stone Quarry | Suri | 47 | 162/1 | Pahad | 3.00 | 3000 cum |
| 19 | Dengasargi-I Stone Quarry | Dengasargi | 21 | 1/1 | Pahad | 5.60 | 3000 cum |
| 20 | Dengasargi-II Stone Quarry | Dengasargi | 21 | 5/1 | Pahad | 6.00 | 3000 cum |
| 21 | Dengasargi-III Stone Quarry | Dengasargi | 21 | 6/1 | Pahad | 6.00 | 3000 cum |
| 22 | Dengasargi-IV Stone Quarry | Dengasargi | 21 | 16/1 | Pahad | 6.00 | 3000 cum |
| 23 | Dengasargi-V Stone Quarry | Dengasargi | 21 | 17,19/1 | Pahad | 11.00 | 3000 cum |
| 24 | Dengasargi-VI Stone Quarry | Dengasargi | 21 | 274/1 | Pahad | 5.00 | 3000 cum |
| 25 | Dengasargi-VII Stone quarry | Dengasargi | 21 | 20 | Pahad | 6.00 | 3000 cum |
| 26 | Pollipinda Stone Quarry | Pollipinda | 14 | 3/282 | Pahad | 11.82 | 3000 cum |
| 27 | Hazaridnag IV Stone quarry | Hazaridang | 6 | 84 | Pahad | 3.00 | 3000 cum |
| 28 | Deopur stone quarry | Deopur | 35 | 633 | Pahad | 8.96 | 2000 cum |
| 29 | Jhoridi Stone quarry | Jhoridi | 47 | 350 | Pahad | 3.00 | 1500 cum |

31.05.18

Tahasildar, Kolnara